ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ନିର୍ମମ ହତ୍ୟା

ନିର୍ମାଣାଧୀନ ମନ୍ଦିର ନିକଟରୁ ମିଳିଲା ରକ୍ତାକ୍ତ ମୃତଦେହ

ମିଳିଲା ଆମ୍ବୁଲାନ୍ସ ଡ୍ରାଇଭରଙ୍କ ମୃତଦେହ । ମୃତକ ପଥରଗଡ଼ିଆ ଅଞ୍ଚଳର ସୁଶାନ୍ତ ବେହେରା ବୋଲି ଜଣା ପଡ଼ିଛି । ସେ ଭୁବନେଶ୍ୱରର ଅଛଲ୍ୟା ହଷ୍ଟେଲରେ

॥ ପ୍ରଭାନ୍ୟୁଜ୍ ॥ ଭୁବନେଶ୍ୱର, ୨୨।୧୦ : ରାଜଧାନୀ ଇନଫୋସିଟି ଥାନା ଅଧିନ ପଟିଆ ଅଞ୍ଚଳରେ ଏକ ନିର୍ମାଣାଧିନ ମନ୍ଦିର ନିକଟରୁ ମିଳିଛି ଜଣେ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ମୃତଦେହ । ମୃତକ ପଥରଗଡ଼ିଆ ଅଞ୍ଚଳର ସୁଶାନ୍ତ ବେହେରା ବୋଲି ଜଣାପଡ଼ିଛି । ଭୁବନେଶ୍ୱରରେ ଜଣେ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ନିର୍ମମ ଭାବେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଇଛି । ପୁଲିସ ଆଜି ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଜ୍ୟାପିଟାଲ ହସ୍ପିଟାଲକୁ ପଠାଇଛି । ପରେ ଏକ ଅମୃତୁ ମାମଲା ଗୁରୁତ୍ୱରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

ସୂଚନା ଯୋଗାଯେଇ, ଆଜି ଦିନ ୩ଟା ବେଳେ ଇନଫୋସିଟି ଥାନା ଅଧିନ ପଟିଆ ଅଞ୍ଚଳରେ ଥିବା ଜିଏଲଏଫ୍ ପକ୍ଷ ଏକ ନିର୍ମାଣାଧିନ ମନ୍ଦିର ନିକଟରୁ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାମ କରୁଥିଲେ । ସୁଶାନ୍ତ ଗତକାଲି ଅବା ସୋମବାର ଅପରାହ୍ନ ୨.୩୦ ମିନିଟରୁ ଘରୁ ବାହାରି ଆସିଥିଲେ । ଏହାପରେ ତାଙ୍କ ଫୋନ୍ ନଲାଗିବାରୁ ଏନେଇ ପରିବାର ଲୋକେ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏକ ନିଖୋଜ୍ ମାମଲା ରୁଜୁକରି ତଦନ୍ତ ଜାରି କରିଥିବାବେଳେ, ଆଜି ଏକ ନର୍ମାଣାଧିନ ମନ୍ଦିର ନିକଟରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି । କେହି ଜଣେ ତାଙ୍କୁ ଆକ୍ରମଣ କରି ନିର୍ମମ ଭାବରେ ହତ୍ୟା କରିଥିବା ପ୍ରାଥମିକ ସୂଚନାରୁ ଜଣା ପଡ଼ିଛି । ଏନେଇ ପୁଲିସ ଓ ସାଇଣ୍ଟିଫିକ୍ ଟିମ ତଦନ୍ତ ଆରମ୍ଭ କରିଛନ୍ତି । ଅନ୍ୟପଟେ ପୁଲିସ ସନ୍ଦେହରେ କିଛି ଯୁବକଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଥିବା ବିଶ୍ୱସ୍ତ ଶୁତ୍ରରୁ ଜଣାପଡ଼ିଛି ।

ଜେଲରେ ମାରଣାସ୍ତ୍ର ଧରି କଏଦୀଙ୍କ ରିଲ୍‌ସ

॥ ପ୍ରଭାନ୍ୟୁଜ୍ ॥ ଭୁବନେଶ୍ୱର, ୨୨।୧୦ : ଝାରପଡ଼ା ଜେଲରେ କଏଦୀ ମାରଣାସ୍ତ୍ର ଧରି ରିଲ୍‌ସ ଘଟଣାରେ ଆକ୍ସନ ମୋଡ଼ରେ ପୁଲିସ ଓ ଜେଲ ବିଭାଗ । ବିଚାରାଧୀନ କଏଦୀଙ୍କଠାରୁ ରିଲ୍‌ସରେ ବ୍ୟବହୃତ ସାମସଙ୍ଗ ସ୍ମାର୍ଟ ଫୋନ ସହ ଏକ ବଡ଼ ଛୁରୀ ଜବତ କରାଯାଇଛି । ଏନେଇ ଏକ ମାମଲା ରୁଜୁ କରି, ଘଟଣାର ତଦନ୍ତ ଆରମ୍ଭ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ । ଦିନେ କିମ୍ବା ଦୁଇଦିନ ପୂର୍ବରୁ ଏହି ମାରଣାସ୍ତ୍ର ଜେଲ ଭିତରକୁ ଆସିଥିଲା ବୋଲି ଜଣାପଡ଼ିଛି । ଜେଲ ଭିତରେ ବିଚାରାଧୀନ କଏଦୀଙ୍କ ଲକ୍ଷ୍ମୀସାଗର ଥାନା ପୁଲିସ । ଦିନେ କିମ୍ବା ଦୁଇଦିନ ପୂର୍ବରୁ ଏହି ମାରଣାସ୍ତ୍ର ଜେଲ ଭିତରକୁ ଆସିଥିଲା ବୋଲି ଜଣାପଡ଼ିଛି । ଜେଲ ଭିତରେ ରହି